

# ଭୁବନେଶ୍ୱର ସିଟି

## ନାତୁଣୀକୁ ଦୁଷ୍କର୍ମ; ଜେଜେକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୧୫ ।୫ (ସମିସ): ୨୦୨୦ ମସିହାରେ ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାରେ ପୂର୍ଣ୍ଣଚନ୍ଦ୍ର ବେହେରାକୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି ଭୁବନେଶ୍ୱର ଏଡିଜେ-୪, ସ୍ପେଶାଲ ଜର୍ଜ ପକ୍‌ସୋ (ସର୍କିଟ୍ କୋର୍ଟ ବାଣପୁର) ବିଚାରପତି ପ୍ରଦୀପ କୁମାର ବେହେରା। ଜରିମାନା ଅନାଦେୟ ବାବଦରେ ଅଧିକ ବର୍ଷେ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ, ୨୦୨୦ ମସିହାରେ ଅଭିଯୋଗକାରୀଙ୍କ ୯ ବର୍ଷର ନାବାଳିକା କନ୍ୟା ଘର ନିକଟରେ ଖେଳୁଥିଲେ। ସେଇ ସମୟରେ ପୀଡ଼ିତା ନାବାଳିକାଙ୍କୁ ସମ୍ପର୍କୀୟ ଜେଜେ ପୂର୍ଣ୍ଣଚନ୍ଦ୍ର ଚେକୋଲେଟ୍ ଦେବାକୁ ଡାକି ଦୁଷ୍କର୍ମ କରିଥିଲା। ଏନେଇ ବାଣପୁର ଥାନାରେ ଅଭିଯୋଗ ପରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଏହିମାମଲାର ବିଚାର କରି ମାନ୍ୟବର ଅଦାଲତ ବିଭିନ୍ନ ୧୨ ସାକ୍ଷୀ ଓ ୮୮ଟି ପ୍ରଯୁଜ୍ୟ ଦସ୍ତାବିଜ ଗୁଡିକୁ ଆଧାର କରି ବୁଧବାର ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ ଦୋଷୀ ସାବ୍ୟସ୍ତ କରାଯାଇ ସଜା ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରୋସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

## ଭଡ଼ା କ୍ୟାମେରା ନ ଫେରାଇ ଗିରଫ



ଭୁବନେଶ୍ୱର, ୧୫।୫ (ସମିସ): କ୍ୟାମେରା ଭଡ଼ାରେ ନେଇ ଫେରାଇ ନ ଥିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ପିପିଲି ଥାନା ଆଠବାଟିଆର ସୁରଜ ସାହାଣୀ (୨୬)। ପୁଲିସ ସୂଚନା ଅନୁସାରେ, ଅମ୍ଲାନ ଅନିର୍ବାଣ ତାଙ୍କ କ୍ୟାମେରାଟିକୁ ବିଜୁ ପଟ୍ଟନାୟକ କଲେଜ୍ ନିକଟରେ ସୁରଜକୁ ୪ ଦିନ ପାଇଁ ଭଡ଼ାରେ ଦେଇଥିଲେ। ସୁରଜ କ୍ୟାମେରା ନେବାର ୩ ମାସ ପରେ ମଧ୍ୟ କ୍ୟାମେରା ହସ୍ତାନ୍ତର କରି ନ ଥିଲା କି ବାକି ଥିବା ୫୦ ହଜାର ଟଙ୍କା ଫେରସ୍ତ କରି ନ ଥିଲା। ଅମ୍ଲାନ ତାକୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଶୁଣି ନ ଥିଲା। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ବୁଧବାର ସୁରଜକୁ ଗିରଫକରି କୋର୍ଟ ଚାଲାଣ କରିଛି। ପୂର୍ବରୁ ସୁରଜ ନାମରେ ଚନ୍ଦକା ଓ ଲକ୍ଷ୍ମୀସାଗର ଥାନାରେ ୨ଟି ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ମହିଳାଙ୍କୁ ପୋଡ଼ି ମାରିଦେବା ଘଟଣା

# ହତ୍ୟାକାରୀକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୧୫।୫ (ସମିସ):

ନୂଆପଲ୍ଲୀ ନୀଳମଣି ବସ୍ତିର ସୁବାସିନୀ ନାୟକ ଓ ବେଣୁ ନାୟକ ପ୍ରେମ ବିବାହ କରିଥିଲେ ଓ ସେମାନଙ୍କର ଦୁଇ ଜଣ ପୁଅଝିଅ ରହିଛନ୍ତି। ବିବାହ ପରେ ସୁଖଶାନ୍ତିରେ ଚାଲିଥିଲା ସଂସାର। ହେଲେ ହସଖୁସିର ସଂସାର ଉପରେ ବସ୍ ଡ୍ରାଇଭର ଡମ୍ବରୁଧରର ପଡ଼ିଥିଲା ଖରାପ ନଜର। ଡମ୍ବରୁ ପୂର୍ବ ବିବାଦକୁ ନେଇ ସୁବାସିନୀଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା।

୨୦୧୭ ମସିହାରେ ନୂଆପଲ୍ଲୀ ଥାନା ଅଧୀନସ୍ଥ ନୀଳମଣି ବସ୍ତିରେ ଘଟିଥିବା ଏହି ଲୋମ ଟାଙ୍କୁରା ହତ୍ୟାକାଣ୍ଡର ରାୟ ବୁଧବାର ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଦୌରା ଜଜ୍ ସସ୍ମିତା ପାଢ଼ୀ ମାମଲାର ବିଚାରକରି ହତ୍ୟାକାରୀ ଡମ୍ବରୁଧର ଦାସକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ପୁଲିସ ସୂଚନା ମୁତାବକ, ସୁବାସିନୀ ଓ ବେଣୁ ବିବାହ କରିବା ପରେ ସୁବାସିନୀଙ୍କ ବାପ ଘରକୁ ଲାଗି ରହିଥିବା ଗୋଟିଏ ସରକାରୀ ଜାଗାରେ ଘରକରି ତାଙ୍କ ସ୍ୱାମୀଙ୍କ ସହିତ ରହି ଆସୁଥିଲେ। ପୁଅ ଯୁକ୍ତ ଦୁଇରେ ପଢୁଥିବା ବେଳେ ଝିଅ ଦଶ ଶ୍ରେଣୀରେ ପଢୁଥିଲେ। ବସ୍ ଡ୍ରାଇଭର ଡମ୍ବରୁ ମଧ୍ୟ ସେହି ନିକଟରେ ଭଡ଼ା ରହିବା ସହିତ ମାଷ୍ଟର୍ କ୍ୟାଣ୍ଟିନରୁ ବାଙ୍କୀ ଯାଉଥିବା ବସ୍ ଚଲାଉଥିଲା। ଡମ୍ବରୁ କୌଣସି କାରଣକୁ ନେଇ ସୁବାସିନୀଙ୍କ ଉପରେ ରାଗ ରଖିଥିଲା। ସୁବାସିନୀଙ୍କ ବଡ଼ ଭଉଣୀ ସୀତାରାଣୀ ମହାପାତ୍ରଙ୍କର ପୁଅ ଦେହ ଖରାପ ହେତୁ ସେ ୨୦୧୭ ମସିହା ଜୁନ ମାସ ୩ ତାରିଖ ଦିନ ବାପ ଘରକୁ ଆସିଥିଲେ। ସେହି ମାସ ୭ ତାରିଖ ଅପରାହ୍ଣ ୩ ଟା ସମୟରେ ସୀତାରାଣୀ ଘର ବାହାରେ ବସିଥିବା ବେଳେ ସୁବାସିନୀ ଗାଧୁଆ ଘରେ ବାସନ ମାଜୁଥିଲେ। ସେହି ସମୟରେ ବସ ଡ୍ରାଇଭର ଡମ୍ବରୁ ଗୋଟିଏ କଳା ଜରିରେ ପେଟ୍ରୋଲ ନେଇ ଆସିଥିଲା ଓ ସୁବାସିନୀ କେଉଁଠି ଅଛନ୍ତି ବୋଲି ସୀତାରାଣୀଙ୍କୁ ପଚାରି ବୁଝିଥିଲା। ସୁବାସିନୀ ଘରେ ଥିବା ନେଇ ତାଙ୍କ ଠାରୁ ଜାଣିବା ପରେ ଡମ୍ବରୁଧର ସୁବାସିନୀଙ୍କ ଅଗଣା ନିକଟକୁ ଯାଇଥିଲା। ସୁବାସିନୀ ଗାଧୁଆ ଘରେ ବାସନ ମାଜୁଥିବାର ଦେଖିବା ପରେ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସୁବାସିନୀଙ୍କୁ ତାଙ୍କ ବଡ଼ ଭଉଣୀ ସୀତାରାଣୀ ଓ ପଡୋଶୀମାନେ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନେଇ ଯାଇଥିଲେ। ସେହି ମାସ ୧୨ ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ସୁବାସିନୀ ଆଖି ବୁଜିଥିଲେ। ସୁବାସିନୀଙ୍କ ବଡ଼ ଭଉଣୀ ସୀତାରାଣୀଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ କେସ ନଂ-୧୯୯/୨୦୧୭ ରେ ଦଫା ୩୦୨ ଆଇପିସି ଲଗାଇ ହତ୍ୟା ମାମଲା ରୁଜୁ କରିଥିଲା। ତତ୍କାଳୀନ ଇନ୍ସପେକ୍ଟର ସୂର୍ଯ୍ୟମଣି ପ୍ରଧାନ ଏହାର ତଦନ୍ତ ଦାଇତ୍ୱ ନେଇଥିଲେ।

ଘଟଣାର ୪ ଘଣ୍ଟା ପରେ ଅଭିଯୁକ୍ତ ଡମ୍ବରୁଧରକୁ ଗିରଫ କରିଥିଲା ପୁଲିସ। ସେତେବେଳକୁ ତା ଶରୀର ପେଟ୍ରୋଲ ବାସ୍ନା ହେଉଥିବାବେଳେ ତା ଠାରୁ ଦିଆସିଲି ମଧ୍ୟ ଜବତ କରିଥିଲା। ଘଟଣାସ୍ଥଳରୁ ମିଳିଥିବା ଦିଆସିଲି କାଠି ଓ ଡମ୍ବରୁଧର ଠାରୁ ଜବତ ହୋଇଥିବା ଦିଆସିଲି କାଠିର ସାଇଜ୍ ଏକା ହୋଇଥିବାରୁ ପୁଲିସକୁ ଆରମ୍ଭରୁ ହିଁ ପ୍ରମାଣ ମିଳିଥିଲା। ଏଥିସହିତ ଡମ୍ବରୁଧର ଚଲାଉଥିବା ବସର ମାଲିକଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ଏହି ମାମଲାର ବିଚାର କରି ମାନ୍ୟବର ଅଦାଲତ ୧୩ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଡମ୍ବରୁଧର ଦାସଙ୍କୁ ଦଫା ୩୦୨ ରେ ଆଜୀବନ ସଜା ସହିତ ୨୦ ହଜାର ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧ ବର୍ଷର କାରାଦଣ୍ଡାଦେଶ ପ୍ରକାଶ କରିଛନ୍ତି। ଆଜି ଘଟଣାର ରାୟ ପ୍ରକାଶ ପାଇବା ସମୟରେ ସୁବାସିନୀଙ୍କ ସ୍ୱାମୀ ବେଣୁ କୋର୍ଟ ରୁମରେ ଉପସ୍ଥିତ ଥିଲେ। ଅତିରିକ୍ତ ପିପି ପ୍ରଦୀପ୍ତ କୁମାର ମିଶ୍ର ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।



**ଦିଆସିଲି କାଠିରୁ ମିଳିଥିଲା ପ୍ରମାଣ**

**୪ ଘଣ୍ଟାରେ ଧରା ପଡ଼ିଥିଲା ହତ୍ୟାକାରୀ**

## ବନ୍ଧୁତା କରି ଟ୍ରେନ୍ ଯାତ୍ରୀଙ୍କଠାରୁ ଲୁଟ୍

ଭୁବନେଶ୍ୱର, ୧୫ ।୫(ସମିସ):

ଟ୍ରେନ୍‌ରେ ଆସୁଥିଲା; ହୋଟେଲ୍‌ରେ ରହୁଥିଲା। ଯାତ୍ରୀ ବେଶରେ ରେଳ ଷ୍ଟେସନରେ ରହୁଥିଲେ। ଯାତ୍ରୀଙ୍କ ସହ ବନ୍ଧୁତା କରିବା ପରେ କୌଶଳକ୍ରମେ ଲୁଟ୍ କରୁଥିଲା। ଜଣେ ଲୁଟୁଥିଲା ବେଳେ ଆଉ ଜଣେ ଲୁଟ୍ ସାମଗ୍ରୀକୁ ବିକ୍ରି କରୁଥିଲା। ଯାତ୍ରୀଙ୍କ ଠାରୁ ଏଭଳି ଲୁଟ୍‌ପାଟ୍ କରୁଥିବା ଦୁଇଜଣଙ୍କୁ ଗିରଫ କରିଛି ଜିଆର୍‌ପି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁରର ସଞ୍ଜୟ ସେଠ୍ (୩୬) ଏବଂ ବିଷ୍ଣୁପଦ ନାୟକ (୪୪)। ସେମାନଙ୍କ ଠାରୁ ୨୫ଟି ଫୋନ୍, ୮ଟି ଲାପ୍‌ଟପ୍ ଓ ଗୋଟିଏ ପର୍ସ ଜବତ କରାଯାଇଛି।

ଜିଆର୍‌ପି କହିବା କଥା, ରେଳ ଷ୍ଟେସନରେ ଯାତ୍ରୀଙ୍କ ଠାରୁ ମୋବାଇଲ୍‌ଫୋନ୍, ଲାପ୍‌ଟପ, ଟଙ୍କା ଆଦି ଚୋରି ହେଉଥିବାର ଅଭିଯୋଗ ହୋଇଥିଲା। ଜଣେ ଯୁବକ ଭଲ ପ୍ୟାଣ୍ଟ ସାର୍ଟ ପିନ୍ଧି ଯାତ୍ରୀ ବେଶରେ ଲୁଟ୍ କରୁଥିବାର ସିସିଟିଭି ଯାଞ୍ଚରୁ ପଦାକୁ ଆସିଥିଲା। ତାକୁ ସ୍କାନରକୁ ନେଇ ତଦନ୍ତ କରିଥିଲା ପୁଲିସ। ମଙ୍ଗଳବାର ଜଣେ ଯାତ୍ରୀ ଟ୍ରେନ୍‌ରେ ଯିବା ଲାଗି ଷ୍ଟେସନରେ ଅପେକ୍ଷା କରିଥିବା ସମୟରେ ସଞ୍ଜୟ ସମ୍ପୃକ୍ତ ଯାତ୍ରୀଙ୍କ ପର୍ସକୁ ଲୁଟି ନେଇ ପଳାଇଥିଲା। ସେ ଚିତ୍କାର କରିବାରୁ ଜିଆର୍‌ପି ଓ ଆର୍‌ପିଏଫ୍ ପକ୍ଷରୁ ତା' ପିଛା କରିଥିଲେ। କିନ୍ତୁ କୌଶଳକ୍ରମେ ସଞ୍ଜୟ ସହଯୋଗୀ ବିଷ୍ଣୁପଦକୁ ପର୍ସ ଦେଇଥିଲା। ପର୍ସ ନ ମିଳିବାରୁ ସେଇ ଅଞ୍ଚଳରେ ତଲାସୀ କରିବାରୁ ବିଷ୍ଣୁପଦଙ୍କ ଉପରେ ସନ୍ଦେହ ବଢ଼ିଥିଲା। ତାକୁ କାବୁକରି ପଚରାଉଚରା ପରେ ପର୍ସ ଜବତ କରାଯାଇଥିଲା। ଦୁଇଜଣଙ୍କ ମୁହାଁମୁହିଁ ଜେରା କରିବା ପରେ ଖୋଲିଥିଲା ଚୋରିର ଗୁମର। ସେହିପରି ସଞ୍ଜୟ ଚୋରି କରିବା ପରେ ସାମଗ୍ରୀକୁ ବିକ୍ରି କରିବା ଲାଗି ବିଷ୍ଣୁପଦକୁ ଦେଉଥିଲେ। କିନ୍ତୁ ପ୍ରଥମଥର ଲାଗି ସଞ୍ଜୟଙ୍କ ସହ ଲୁଟ୍ କରିବା ଲାଗି ଆସିଥିବା ବିଷ୍ଣୁପଦ ଜିଆର୍‌ପି ପଞ୍ଝାରେ ପଡ଼ି ଯାଇଥିଲା। ଏହି ଗ୍ୟାଙ୍ଗରେ ଆଉ କାହାର ସମ୍ପୃକ୍ତି ରହିଛି, ସେ ନେଇ ତଦନ୍ତ କରାଯାଉଥିବ ରେଳବାଇ ଏସ୍‌ପି ବିରଞ୍ଚି ପ୍ରସାଦ ଦେହୁରୀ ସୂଚନା ଦେଇଛନ୍ତି।



**ଜିଆର୍‌ପି ପଞ୍ଝାରେ ଦୁଇ ଲୁଟେରା**

**୨୫ ମୋବାଇଲ୍, ୮ ଲାପ୍‌ଟପ୍ ଜବତ**

### ପ୍ରେମିକାଙ୍କ ପିଛା ଉଡ଼ାଉଥିଲା ଟଙ୍କା

ସଞ୍ଜୟ ଟ୍ରେନ୍‌ରେ ଭୁବନେଶ୍ୱରକୁ ଆସୁଥିଲା। ରେଳ ଷ୍ଟେସନ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିଲେ। ଯାତ୍ରୀଙ୍କ ଠାରୁ ସଞ୍ଜୟ ଲୁଟ୍ କରିବା ପରେ ଚୋରି ସାମଗ୍ରୀକୁ ବିକ୍ରି କରୁଥିଲେ। ସେଇ ଟଙ୍କାରେ ଅୟସ କରିବା ସହ ବାର୍ ଓ ହୋଟେଲ୍‌ରେ ମଉଜ କରୁଥିଲା। ସଞ୍ଜୟଙ୍କ ଏକାଧିକ ପ୍ରେମିକା ରହିଛନ୍ତି। ଚୋରି ସାମଗ୍ରୀ ବିକ୍ରି କରିବା ପରେ ଆଣୁଥିବା ଟଙ୍କାକୁ ପ୍ରେମିକାଙ୍କ ପିଛା ଉଡ଼ାଉଥିଲେ। ପ୍ରେମିକାଙ୍କୁ ସୁନାର ଦାମୀ ଉପହାର ଦେଉଥିଲେ। ପ୍ରେମିକାଙ୍କୁ ଭ୍ରମଣରେ ବିଦେଶକୁ ନେଇ ମଉଜ କରୁଥିଲା। ପ୍ରେମିକାଙ୍କୁ ସ୍କାନରକୁ ନେଇ ଜେରା କରୁଛି ପୁଲିସ। ତା'ର କିଛି ପ୍ରେମିକାଙ୍କ ଠାରୁ ଦାମୀ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି।



**ଚୋରି ଲାପ୍‌ଟପ୍‌କୁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ବିକ୍ରି**

ସଞ୍ଜୟ ଯାତ୍ରୀଙ୍କ ଠାରୁ କୌଶଳକ୍ରମେ ଲାପ୍‌ଟପ୍ ଚୋରି କରୁଥିଲା। ଚୋରି ଲାପ୍‌ଟପ୍‌ଗୁଡ଼ିକୁ ସଞ୍ଜୟ ନିଜର ସହଯୋଗୀ ବିଷ୍ଣୁପଦକୁ ବିକ୍ରି କରୁଥିଲା। ବିଷ୍ଣୁପଦ ଲାପଟପ୍‌ଗୁଡ଼ିକୁ ନେଇ ଫର୍ମାଟ୍ କରି ଦେଉଥିଲା। ପରେ ଲାପଟପ୍ ସହରରେ ଥିବା ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ୧୦ରୁ ୧୨ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଗାଡ଼ିର ପ୍ରଦୂଷଣ ଯାଞ୍ଚ ଲାଗି ରାସ୍ତାକଡ଼ରେ ଲଗାଯାଉଥିବା ଭ୍ୟାନ୍‌ରେ ଲାପଟପ୍‌ଗୁଡ଼ିକ କାର୍ଯ୍ୟକ୍ଷମ ହୋଇଥିଲା। ସଞ୍ଜୟ ଲିଙ୍କ୍‌ରେ ବିଷ୍ଣୁପଦ ଧରାପଡ଼ିବା ପରେ ଲାପଟପ୍ ବିକ୍ରିର ଗୁମର ଖୋଲିଥିଲା। କୋଳଥିଆସ୍ଥିତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରୁ ୫ଟି ଲାପଟପ୍ ମିଳିଥିଲା। ଏଥିସହ ଏକାଧିକ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଚଢ଼ଉ କରି ବଳକା ଲାପ୍‌ଟପ୍ ଜବତ ହୋଇଛି।

## ଅଗ୍ନିକାଣ୍ଡରେ ଜଳିଗଲା ହୋଟେଲ

ଭୁବନେଶ୍ୱର, ୧୫।୫ (ସମିସ): ମଙ୍ଗଳବାର ରାତିରେ ଘଟିକିଆ ଛକରେ ଥିବା ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ହୋଟେଲଟି ସମ୍ପୂର୍ଣ୍ଣ ଜଳିଯାଇଛି। ସୂଚନା ଅନୁସାରେ, ଘାଟିକିଆ ବାଲିଆ ଛକରେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କର ହୋଟେଲ କରିଥିଲେ। ୩ ଦିନ ହେବ ତାଙ୍କ ହୋଟେଲ ବନ୍ଦ ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ହୋଟେଲରେ ନିଆଁ ହୁତ୍ ହୁତ୍ ହୋଇ ଜଳିବାକୁ ଲାଗିଥିଲା। ହୋଟେଲ ଭିତରେ ଗ୍ୟାସ ସିଲିଣ୍ଡର ଥିବାରୁ ଭିତରକୁ ଯିବାକୁ କେହି ସାହାସ କରି ନ ଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ତମାଣ୍ଡୋ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଅଗ୍ନିକାଣ୍ଡରେ ହୋଟେଲ ଭିତରେ ଥିବା ଫ୍ରିଜ, ଗ୍ରାଇଣ୍ଡର, ଫ୍ୟାନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।

## ହାଇୱା ଧକ୍କାରେ ନାବାଳକ ଗୁରୁତର

ନନ୍ଦନକାନନ, ୧୫।୫(ସମିସ): ବାରଙ୍ଗ ତ୍ରିଶୁଳିଆ ଗୋଳେଇ ଛକରେ ବୁଧବାର ଅପରାହ୍ଣରେ ଏକ ହାଇୱା ଧକ୍କାରେ ଜଣେ ୬ବର୍ଷର ନାବାଳକ ଗୁରୁତର ଆହତ ହୋଇ ନିକଟସ୍ଥ ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛି। ସୂଚନା ଅନୁସାରେ ଆହତ ନାବାଳକ ତା'ର ବାପାଙ୍କ ସାଙ୍ଗେ ଏକ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ହାଇୱା ତାଙ୍କୁ ଧକ୍କା ଦେବା ସହ କିଛି ବାଟ ଘୋଷାଡ଼ି ନେଇଥିଲା। ନାବାଳକ ଗୋଡ଼ ଉପରେ ହାଇୱା ଚଢ଼ି ଯିବାରୁ ଗୁରୁତର ଆହତ ହୋଇଥିଲା। ଉପସ୍ଥିତ ଲୋକେ ତୁରନ୍ତ ବାପ ପୁଅକୁ କଟକର ଏକ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ବାରଙ୍ଗ ପୁଲିସ ଖବର ପାଇ ଶିଶୁପାଳ ଗଡ଼ ଅଞ୍ଚଳର ଓଡି-୩୩-ଜି- ୯୨୫୮ ନମ୍ବର ବିଶିଷ୍ଟ ହାଇୱା ଓ ହାଇୱା ଚାଳକକୁ ଆଣି ଥାନାରେ ଅଟକ ରଖିବା ସହ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଖବର ଲେଖା ହେଲା ବେଳକୁ ବାପ ପୁଅଙ୍କ ପରିଚୟ ମିଳି ପାରିନଥିଲା ବେଳେ ଦୁର୍ଘଟଣାରେ ଓଡି-୦୫-ଏକ୍ସ-୨୨୫୧ ନମ୍ବର ବିଶିଷ୍ଟ ବାଇକଟି ଭାଙ୍ଗିରୁଜି ଯାଇଥିବା ଜଣାପଡ଼ିଛି।

## ହାବିଲଦାରଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୧୫।୫ (ସମିସ): ପିସିଆର୍ କର୍ମଚାରୀଙ୍କୁ ଇଟା ଫୋପାଡ଼ିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ୍ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏୟାର୍‌ପୋର୍ଟ ଥାନା ଭୀମପୁର ବସ୍ତିର ପଠାଣି ସାହୁ (୩୮)। ପୁଲିସ ସୂଚନା ଅନୁସାରେ, ପଠାଣି ଫାଳିକିଆ ବସ୍ତିରେ ଗାଳିଗୁଲଜ କରୁଥିବା ନେଇ ପୁଲିସ କଣ୍ଟ୍ରୋଲ ରୁମରୁ ସୂଚନା ପାଇବା ପରେ କ୍ୟାପିଟାଲ୍ ଥାନା ପିସିଆରରେ କାର୍ଯ୍ୟରତ ହାବିଲଦାର ରାମଚନ୍ଦ୍ର ମାରାଣ୍ଡି ଅନ୍ୟ ପୁଲିସ କର୍ମଚାରୀଙ୍କ ସହିତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଗାଳିଗୁଲଜ କରୁଥିବା ପଠାଣିକୁ ବୁଝାଇବାକୁ ଚେଷ୍ଟା କରିଥିଲେ ରାମଚନ୍ଦ୍ର। ହେଲେ ପଠାଣି କିଛି ନ ଶୁଣି ପିସିଆର କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲା। ଏଥିସହିତ ରାମଚନ୍ଦ୍ରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଇଟା ଫୋପାଡ଼ି ଆକ୍ରମଣ କରିଥିଲା। ରାମଚନ୍ଦ୍ର କୌଶଳକ୍ରମେ ଆକ୍ରମଣରୁ ବର୍ତ୍ତିଯିବାକୁ ଚେଷ୍ଟା କରିବା ସମୟରେ ଇଟାଟି ପିସିଆର୍ ବୋଲେରୋରେ ବାଜି ଗାଡ଼ିର କିଛି ଅଂଶ ନଷ୍ଟ ହୋଇଯାଇଥିଲା। ରାମଚନ୍ଦ୍ର ଓ ପିସିଆର୍ କର୍ମଚାରୀମାନେ ମିଶି ପଠାଣିକୁ କାବୁକରି ଥାନାକୁ ଆଣିଥିଲେ। ରାମଚନ୍ଦ୍ରଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରିବା ସହିତ ପଠାଣିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚୋରି ଅଭିଯୋଗରେ ଜଣେ ଗିରଫ

ଭୁବନେଶ୍ୱର, ୧୫।୫ (ସମିସ): ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କୋଣାର୍କ ଥାନା ଅଚ୍ୟୁତପୁରର ଭବାନୀ ପ୍ରସାଦ ଦାସ (୩୨)। ପୁଲିସ ସୂଚନା ଅନୁଯାୟୀ, ଗତମାସ ୨୫ ତାରିଖରେ ଭବାନୀ ଆଇଆର୍‌ସି ଭିଲେଜସ୍ଥିତ ରମେଶଚନ୍ଦ୍ର ବସ୍ତିଆଙ୍କ ଗ୍ୟାରେଜକୁ ଆସିଥିଲା। ପରଦିନ ସକାଳେ ସେ ଗ୍ୟାରେଜରୁ ରମେଶଙ୍କ ସ୍କୁଟି ଓ ମୋବାଇଲ୍ ଚାର୍ଜର୍ ଚୋରିକରି ନେଇ ଯାଇଥିଲା। ରମେଶ ବାରମ୍ବାର ଭବାନୀକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ସ୍କୁଟି ଫେରାଇ ନ ଥିଲା। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ବୁଧବାର ଫାୟାର୍‌ଷ୍ଟେସନ ନିକଟରେ ଚଢ଼ଉକରି ଭବାନୀକୁ ଗିରଫ କରିବା ସହିତ ଚୋରି ହୋଇଥିବା ସ୍କୁଟିକୁ ଜବତ କରିଥିଲା ପୁଲିସ। ତଦନ୍ତ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

### ସୁନା ଋଣ ପ୍ରଦାନକାରୀ ସଂସ୍ଥା ଲାଗି ବଢ଼ିଲା ଅଡୁଆ

# ଚୋରି ସୁନା ରଖିଲେ ଜେଲ୍‌ଯିବେ କର୍ମଚାରୀ

ଭୁବନେଶ୍ୱର, ୧୫।୫(ସମିସ):

ରାଜଧାନୀରେ ଚୋରି ସୁନାକୁ କିଣା-ବିକାରେ ସଂସ୍ଥାର କର୍ମଚାରୀଙ୍କ ସମ୍ପୃକ୍ତି ବଢୁଛି। ଏହାକୁ ନଜରରେ ରଖି ସୁନାଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନାଲିଆଖି ଦେଖାଇଛି କମିସନରେଟ୍ ପୁଲିସ। ଫଳରେ ଚୋରି ସୁନା ବନ୍ଧକ ରଖୁଥିବା ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଲାଗି ଅଡୁଆ ବଢ଼ିଛି। ଏଣିକି ଚୋରି ସୁନା କିଣିଲେ, ସଂସ୍ଥାର କର୍ମଚାରୀଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଗିରଫ କରାଯିବ। ଏ ନେଇ ସ୍ପଷ୍ଟ କରିଛି କମିସନରେଟ୍ ପୁଲିସ।

ଦୁଇ ଦିନ ତଳେ ଚନ୍ଦନ ଜେନା ନାମକ ଜଣେ ଯୁବକ ସୁନା ଲୁଟିବା ପରେ ଏକ ଋଣପ୍ରଦାନକାରୀ ସଂସ୍ଥାରେ ସୁନାକୁ ବନ୍ଧକ ରଖିଥିଲା। ସେଠାରେ ସୁନା ରଖି ଟଙ୍କା ଆଣି ମଉଜ କରୁଥିଲା। ନିକଟରେ ପୁରୁଣା ଭୁବନେଶ୍ୱର ଅଞ୍ଚଳରୁ ସୁନାଚେନ୍‌କୁ ଚୋରି କରି କୁଖ୍ୟାତ ଲୁଟେରା ପୁନିଆ ନାୟକ ଭୀମଟାଙ୍ଗିରେ ଥିବା ଏକ ବ୍ୟାଙ୍କରେ ବନ୍ଧକ ରଖିଥିଲା। ସେଠାରୁ ପୁନିଆ ୭୫ହଜାର ଟଙ୍କାର ଋଣ ନେଇଥିଲେ। ସୁନା କିଣିବାର ନକଲି ରସିଦ୍ ପ୍ରସ୍ତୁତ କରି ବ୍ୟାଙ୍କ୍‌ରେ ଦେଇ ଟଙ୍କା ଆଣି ମଉଜ କରିଥିଲେ। ଅନୁରୂପ ଭାବେ ଭୂତତ୍ତ୍ୱ କାର୍ଯ୍ୟାଳୟରେ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟରତ ଅର୍ପିତା ତ୍ରିପାଠୀଙ୍କ ଠାରୁ ସୁନାଚେନ୍ ଲୁଟ୍‌ରେ ସମ୍ପୃକ୍ତ ରହିଥିବା ଦିନେଶ ଦାସ ଓ ସୁମନ୍ତ ମଙ୍ଗରାଜକୁ ଗିରଫ କରାଯାଇଥିଲା। ସେମାନେ ଲୁଟ୍ କରିଥିବା ସୁନା ଚେନ୍‌କୁ ଭୀମଟାଙ୍ଗି ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ବନ୍ଧକ ରଖି ୩୮ ହଜାର ଟଙ୍କା ଋଣ ଆଣିଥିଲେ। ସମାନ୍‌ଭାବେ ନକଲି ରସିଦ୍ କରି ଋଣ ସଂସ୍ଥାରେ ଦାଖଲ କରି ଋଣ ଆଣିଥିଲେ ଅଭିଯୁକ୍ତ।

ଏହିଭଳି ଅନେକ ଘଟଣାରେ ଲୁଟେରାମାନେ ସୁନା ଚୋରି କରିବା ପରେ ସୁନା ଋଣ ପ୍ରଦାନକାରୀ କରୁଥିବା ସଂସ୍ଥାକୁ ଚାଲିଯାଉଛନ୍ତି। ଚୋରି କରିଥିବା ସୁନାର ନକଲି ରସିଦ୍ କରି ଋଣ ପ୍ରଦାନକାରୀ ସଂସ୍ଥାରେ ଦାଖଲ କରୁଛନ୍ତି। ଏହି ଲୁଟେରାଙ୍କ ସହ ପଚ୍ଛଦପଟ ଭାବେ ସମ୍ପୃକ୍ତି ରହୁଥିବା ଋଣ ସଂସ୍ଥାର ଭୁବନେଶ୍ୱର ଶାଖା ମୁଖ୍ୟ ଓ କିଛି କର୍ମଚାରୀଙ୍କ ସମ୍ପୃକ୍ତି ଜଳ ଜଳ କରି ଦେଖାଯାଉଛି। ଏହି ଠକେଇ ସାମ୍ରାଜ୍ୟରେ ଲିପ୍ତ ରହିଥିବା କିଛି ଋଣପ୍ରଦାନକାରୀ ସଂସ୍ଥାର କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗଲା ଦେଢ଼ବର୍ଷରେ ପ୍ରାୟ ୨୫ଟି ମାମଲାରେ ପୁଲିସ ଚୋରି ସୁନା ଅଳଙ୍କାରକୁ ଋଣ ଦେଉଥିବା ସଂସ୍ଥାର ଲକର୍‌କୁ ଠାବ କରିଛି। କିନ୍ତୁ କିଛି ଲକ୍‌ରରୁ ଋଣ ପ୍ରଦାନକାରୀ ସଂସ୍ଥାର ବଡ଼ବାବୁ ସୁନା ନେଇ ପଳାଇଛନ୍ତି। ଚନ୍ଦ୍ରଶେଖରପୁର, ସହିଦନଗର, ନୂଆପଲ୍ଲୀ, ଖଣ୍ଡଗିରି, ସ୍ପେଶାଲ ଅପରାଧ ଶାଖା ଆଦି ଥାନା ଏଭଳି ମାମଲା ରୁଜୁକରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ସମସ୍ତ ଋଣପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଭୁବନେଶ୍ୱରରେ ଛିନ୍‌ତାଇ ଓ ଲୁଟ୍‌ପାଟ୍ କରୁଥିବା ପେସାଦାର ଲୁଟେରାଙ୍କ ତାଲିକା ଦିଆଯିବ। ସେଇ ତାଲିକା ଅନୁଯାୟୀ ଲୁଟେରାମାନେ ସୁନାବନ୍ଧକ ରଖିବାକୁ ଗଲେ, ଋଣପ୍ରଦାନକାରୀ ସଂସ୍ଥାଗୁଡ଼ିକ ପୁଲିସକୁ ଅବଗତ କରିବାକୁ କୁହାଯାଇଛି।



**ଋଣ ପ୍ରଦାନକାରୀ ସଂସ୍ଥାକୁ ଦିଆଯିବ ଲୁଟେରାଙ୍କ ତାଲିକା**

### 'ଆଇନ ଫାଶରେ ବଣିଆ'

ଦାମ୍ ଶୁଣି ଗ୍ରାହକ ସୁନା କିଣିବା ବେଳକୁ ଦଶଥର ଭାବୁଛନ୍ତି। କିନ୍ତୁ କିଛି ବଣିଆ କମ୍‌ମୂଲ୍ୟରେ ଚୋରି ସୁନାକୁ କିଣୁଛନ୍ତି। ଭୁବନେଶ୍ୱରରୁ ଲୁଟ୍ ହେଉଥିବା ସୁନାକୁ କଟକ, ଖୋର୍ଦ୍ଧା, ବ୍ରହ୍ମପୁର, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର କିଛି ବଣିଆ ସୁନା କିଣି ଚଳାଇଛନ୍ତି ସାମ୍ରାଜ୍ୟ। ମାର୍କେଟ୍‌ରେ ସୁନା ଦର ୧୦ ଗ୍ରାମ ପ୍ରତି ୬୦ହଜାର ଟଙ୍କାରେ ଥିବା ବେଳେ ୨୫ହଜାର ଟଙ୍କାରେ କିଣୁଛନ୍ତି ବଣିଆ। ଦୋକାନରେ ଜିଏସ୍‌ଟି ଓ ଅନ୍ୟାନ୍ୟ ଦାମ୍ ପକାଇ ଗ୍ରାହକଙ୍କ ଠାରୁ ଭିଡ଼ି ନେଇଛନ୍ତି। ଚୋରି ସୁନାକିଣି ମାଲେମାଲ୍ ସୁନା ଦୋକାନୀ। ବର୍ଷେ ଭିତରେ ଚୋରି ସୁନା କିଣୁଥିବା ୧୭ଜଣ ବଣିଆଙ୍କୁ ଗିରଫ କରାଯାଇଛି। କିଛି ଦିନ ତଳେ ଚୋରି ସୁନା କିଣିଥିବା ବାପ ରାମମୂର୍ତ୍ତି ତାଙ୍କ ପୁଅ ଆଦିତ୍ୟ ଏବଂ ସୁବ୍ରତକୁ ପୁଲିସ ଗିରଫ କରିଥିଲା। କିଛି ମାମଲାରେ ଟି.ବାବୁରାଓ, ପଦ୍ମଲୋଚନ ରଣା, ପୁଷ୍ପାରଞ୍ଜନ ସାହୁ ଭଳି ବଣିଆଙ୍କୁ ଗିରଫ କରାଯାଇଛି। ଏହି ସାମ୍ରାଜ୍ୟ ଚଳାଇଥିବା କିଛି ବଣିଆ ଏବେ ପୁଲିସର ସ୍କାନରକୁ ଆସିଛନ୍ତି। ସେମାନଙ୍କୁ ଥାନାରେ ହାଜର ହେବାକୁ ନୋଟିସ୍ କରାଯାଇଛି। ଚୋରି ସୁନା ବିକ୍ରି କରୁଥିବା ନୟାଗଡ଼ର ଜଣେ ବଣିଆର ପତ୍ନୀଙ୍କୁ ବି ଗିରଫ କରାଯାଇଥିଲା।

## ଜୀବନ ହାରିଲେ ଯୁବକ

ଭୁବନେଶ୍ୱର, ୧୫।୫ (ସମିସ): କପିଳେଶ୍ୱର ଅଞ୍ଚଳରେ ଥିବା ଏକ ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ମୃତକ ହେଉଛନ୍ତି ଚୈରା ସାହିରେ ରହୁଥିବା ବାଲିକୁଦା ଥାନା ତାଳଗାଁର ତାପସ କୁମାର ସ୍ୱାଇଁ (୩୮)। ସୂଚନା ଅନୁସାରେ, ପାରିବାରିକ କଳହ କାରଣରୁ ତାପସ କିଛିଦିନ ହେବ ଅବସାଦରେ ଥିଲେ। ସେ ପୈତୃକ ଗ୍ରାମକୁ ଯାଇଥିବା ବେଳେ ଦୁଇ ଦିନ ହେବ ଚୈରା ସାହି ସ୍ଥିତ ଘରକୁ ଫେରିଥିଲେ। ଗତକାଲି ରାତିରେ ଖାଇପିଇ ଶୋଇଥିଲେ। ବୁଧବାର ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପଡୋଶୀମାନଙ୍କର ସନ୍ଦେହ ହୋଇଥିଲା। ସେମାନେ ଘର ମାଲିକଙ୍କୁ ଜଣାଇବା ପରେ ଖବରପାଇ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କବାଟ ଭାଙ୍ଗିବା ପରେ ତାପସଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ତାପସ ବେକରେ ଶାଢ଼ୀ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତାଙ୍କ ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।










ଏକାମ୍ର ନିର୍ବାଚନମଣ୍ଡଳୀରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚାର ଅଭିଯାନ

# ସୁଶାନ୍ତଙ୍କ ବାଇକ୍ ରାଲି, ଆଶୀର୍ବାଦ ସଭା

ଭୁବନେଶ୍ୱର, ୧୫।୫(ସମିସ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସି ୱାର୍ଡ ନମ୍ବର ୧୮ରେ ଏକ ବାଇକ ରାଲି ଏବଂ ନିର୍ବାଚନୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଏମସି ୱାର୍ଡ ନମ୍ବର ୨୨ ଭରତପୁର ଏବଂ ଡମଣା ଅଞ୍ଚଳରେ ହଜାର ହଜାର ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କ ସହଯୋଗରେ ଆଶୀର୍ବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେଡି ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ କହିଥିଲେ, ଜନକଲ୍ୟାଣ, ଉତ୍ତମ ଶାସନ ତଥା ସ୍ୱଚ୍ଛ ଭାବମୂର୍ତ୍ତି ପାଇଁ ମୁଖ୍ୟମନ୍ତ୍ରୀ ସାରା ଦେଶରେ ପରିଚିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଆଜି ଆମ ରାଜ୍ୟ, ସାରା ଦେଶରେ ଏକ ନମ୍ବର ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଅନେକ ବିକାଶମୂଳକ ପ୍ରକଳ୍ପ ସଫଳ ଭାବେ କାର୍ଯ୍ୟକାରୀ ହୋଇଛି। ଆଗକୁ ଆହୁରି ବିକାଶମୂଳକ ପଦକ୍ଷେପ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବିଧାୟକ କହିଥିଲେ। ସେହିପରି ପ୍ରଗତି ଧାରାକୁ ବଜାୟ ରଖିବା ପାଇଁ କର୍ମୀମାନେ ବଦ୍ଧପରିକର ହେବ ପାଇଁ ଶ୍ରୀ ରାଉତ ଅନୁରୋଧ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ଗୁଡିକରେ ଅନ୍ୟତମ ପ୍ରମୁଖ ଅତିଥି ଭାବେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ଡେପୁଟି ମେୟର ମଞ୍ଜୁଲତା କହର, ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା, ଲାଲ ମୋହନ ଟୁଡୁ, ପ୍ରତାପ ରାଉତରାୟ, ସଞ୍ଜୟ ବଳିୟାରସିଂ, ରମେଶ ସାହୁ, ସୁଲେଖା ରଥ, ପ୍ରଦୀପ ମହାପାତ୍ର, ମନୋଜ ସାହୁ, ନବଘନ ସାହୁ, ଦିଲେଶ ରାଓ, ଭଗବାନ ସୁବୁଦ୍ଧି, ବିନୋଦ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଏସ୍‌ଏଚ୍‌ଜି ଗ୍ରୁପର ମା'ମାନେ ଯୋଗ ଦେଇଥିଲେ।



# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଟ୍ରାଫିକ କଟକଣା

ଭୁବନେଶ୍ୱର, ୧୫।୫(ସମିସ):

ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ଶୋ' ରହିଛି। ଭୁବନେଶ୍ୱରସ୍ଥିତ ୟୁନିଟ-୬, ଗଙ୍ଗନଗର ଛକ ଠାରୁ ଏଲଆଇସି ଅଫିସ ଛକ, ଗୋପବନ୍ଧୁ ଛକ, ଓୟୁଏଟି ଗେଷ୍ଟ ହାଉସ ଛକ, ୟୁନିଟ-୮ ଡିଏଭି ସ୍କୁଲ ଛକ, ଏଚ୍‌ଡିଏଫସି ବ୍ୟାଙ୍କ ଛକ, ବାଲୁଙ୍କେଶ୍ୱର ମନ୍ଦିର ଛକ, ମମତାଜ ଅଲ୍ଲି ସ୍କୁଲ, ଶ୍ରୀକୃଷ୍ଣ କ୍ଲବ, ବେହେରା ସାହି ଛକ, ନିକୋ ପାର୍କ ଛକ, ବାୟାବାବା ମଠ, ରୁପାଲୀ ଛକ, ରାମମନ୍ଦିର ଛକ, ଶ୍ରୀୟା ଛକ, ମାଷ୍ଟର କ୍ୟାଣ୍ଟିନ ଦେଇ ଶିଶୁ ଭବନ ଛକ ପର୍ଯ୍ୟନ୍ତ ରୋଡ ଶୋ ହେବାର କାର୍ଯ୍ୟସୂଚୀ ରହିଛି। ଜନସାଧାରଣଙ୍କ ସୁଗମନାଗମନ ଦୃଷ୍ଟିରେ ରଖି ସହରାଞ୍ଚଳ ପୁଲିସ ପକ୍ଷରୁ ଟ୍ରାଫିକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଆସନ୍ତାକାଲି ଅପରାହ୍ନ ସାଢ଼େ ୪ଟାରୁ ରୋଡ ଶୋ ସରିବା ପର୍ଯ୍ୟନ୍ତ ୟୁନିଟ-୬ ସ୍ଥିତ ଗଙ୍ଗନଗର ଛକ ଠାରୁ ଏଲ୍ଆଇସି ଅଫିସ ଛକ ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ଗୋପବନ୍ଧୁ ଛକ, ଓୟୁଏଟି ଗେଷ୍ଟ ହାଉସ ଛକ ଠାରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ୟୁନିଟ-୮ ଡ଼ିଏଭି ସ୍କୁଲ ଛକ, ଏଚଡ଼ିଏଫସି ବ୍ୟାଙ୍କ ଛକ ଠାରୁ ବାମ ପାପାର୍ଶ୍ୱ ରାସ୍ତା ଦେଇ ବାଲୁଙ୍କେଶ୍ୱର ମନ୍ଦିର ଛକ, ମମତାଜ ଅଲି ସ୍କୁଲ, ଶ୍ରୀକୃଷ୍ଣ କ୍ଲବ ଠାରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ବେହେରା ସାହି ଛକ, ନିକୋ ପାର୍କ ଛକ, ବାୟାବାବା ମଠ ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ରୁପାଲୀ ଛକ ଠାରୁ ୟୁ-ଟର୍ନ ନେଇ ରାମମନ୍ଦିର ଛକ, ଶ୍ରୀୟା ଛକ, ମାଷ୍ଟର କ୍ୟାଣ୍ଟିନ ଦେଇ ଶିଶୁ ଭବନ ଛକ ରାସ୍ତା ପର୍ଯ୍ୟନ୍ତ କୌଣସି ପ୍ରକାରର ଯାନବାହନ ଯିବା ଆସିବା କରି ପାରିବେ ନାହିଁ। ଉକ୍ତ ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତାରୁ କୌଣସି ପ୍ରକାରର ଯାନବାହନ ଉପରୋକ୍ତ ସମୟରେ ସେହି ରାସ୍ତାକୁ ଯିବାକୁ ଦିଆଯିବ ନାହିଁ। ଉପରୋକ୍ତ ରାସ୍ତାରେ ନଯାଇ ଅନ୍ୟ ରାସ୍ତାଦେଇ ଯାତାୟାତ କରିବା କମିସନରେଟ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ। ରାଜଧାନୀରେ ୩୦ ପ୍ଲାଟୁନ୍ ପୁଲିସ ମୁତୟନ କରାଯିବ। ଏଥିସହ ଦୁଇଜଣ ଅତିରିକ୍ତ ଡିସିପି, ୯ ଜଣ ଏସିପି, ୧୫ ଜଣ ଇନ୍ସପେକ୍ଟରଙ୍କ ସମେତ ବ୍ୟାପକ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ମିଳିଛି।

# ବସ୍ତିବାସିନ୍ଦାଙ୍କ ସ୍ଥାୟିତ୍ୱ ମୋ ଦାୟିତ୍ୱ: ଅନନ୍ତ

ଭୁବନେଶ୍ୱର, ୧୫।୫(ସମିସ): 'ସମସ୍ତ ବସ୍ତିବାସିନ୍ଦାଙ୍କ ସ୍ଥାୟିତ୍ୱ ମୋ ଦାୟିତ୍ୱ' ବୋଲି ରାଜକୁମାର ବିଜୁ ଆଦର୍ଶ କଲୋନୀରେ ପ୍ରଚାରବେଳେ ବିଜେଡିର ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା କହିଛନ୍ତି। ଶ୍ରୀ ଜେନା ବୁଧବାର ଦିନତମାମ ବିଭିନ୍ନ ବସ୍ତିରେ ପ୍ରଚାର କରିଛନ୍ତି। ସକାଳୁ ଶ୍ରୀ ଜେନା ୱାର୍ଡ ନମ୍ବର ୩୬ରେ ରାମପୁର ବିଜୁ ଆଦର୍ଶ କଲୋନୀରେ ଘର ଘର ବୁଲି ପ୍ରଚାର କରିଥିଲେ। ଏହାସହ ଅଞ୍ଚଳବାସୀଙ୍କ ଆଶୀର୍ବାଦ ନେଇଥିଲେ। ସ୍ଥାନୀୟ ଯୁବକମାନଙ୍କ ସହିତ ଏଠାରେ କ୍ରିକେଟ ଖେଳିଥିଲେ। ପରେ ୱାର୍ଡ ନମ୍ବର ୩୫ରେ ୟୁନିଟ-୩ ସ୍ଥିତ ମାଳି କଲୋନୀରେ ଘର ଘର ବୁଲି ପ୍ରଚାର କରି ଜନ ସାଧାରଣଙ୍କ ସମର୍ଥନ ଲୋଡ଼ିଥିଲେ। ସନ୍ଧ୍ୟାରେ ୱାର୍ଡ ନମ୍ବର ୩୪ ଅନ୍ତର୍ଗତ ସତ୍ୟନଗରସ୍ଥିତ ଓ୍ୟାର ହାଉସ କଲୋନୀରେ ଆୟୋଜିତ ବିଶାଳ କର୍ମୀ ସମାବେଶରେ ଶ୍ରୀ ଜେନା ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଆମେ ସବୁ ନବୀନ ପଟ୍ଟନାୟକଙ୍କ ପରିବାର। ଏଣୁ ଆମମାନଙ୍କର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର। ତେଣୁ ତାଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପବଦ୍ଧ ହେବା। ଶେଷରେ କର୍ମୀ ସମ୍ମିଳନୀରେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ରାଜକୁମାର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ସଭାରେ ଯୋଗଦେଇ ସମସ୍ତ ବସ୍ତି ବାସିନ୍ଦାଙ୍କ ସ୍ଥାୟିତ୍ୱ ମୋ ଦାୟିତ୍ୱ ବୋଲି କହିଥିଲେ। ପିଏଚ୍‌ଡି କଲୋନୀରେ ଆୟୋଜିତ ସଭାରେ ଯୋଗଦେଇ ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ଭଲପାଇବା ପାଇଁ କୃତଜ୍ଞତା ଜଣାଇବା ସହିତ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।



# ଦୁଇ ପଞ୍ଚାୟତରେ ବିଭୂତିଙ୍କ ବାଇକ୍ ରାଲି

ଯାଁଳ/ବଡ଼ରଘୁନାଥପୁର, ୧୫।୫ (ସମିସ): ଜଟଣୀ ବିଜେଡି ପକ୍ଷରୁ ବୁଧବାର ଯାଁଳା ଓ ମଦନପୁର ପଞ୍ଚାୟତରେ ବାଇକ୍ ରାଲି ହୋଇଛି। ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ, ଓଗାଳପଡ଼ା, ଗୋପାଳପୁର, ରାଧାଚରଣପୁର, ପାଟଣା ସାହି, ମଠ ସାହି ସମେତ ମଦନପୁର ପଞ୍ଚାୟତର ବଡ଼ରଘୁନାଥପୁର, ଜାଗସରା, କାଇମାଟିଆ ଆଦି ଗ୍ରାମରେ ଏହି ରାଲି ହୋଇଥିଲା। ଜଟଣୀ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଏହି ବାଇକ୍ ରାଲିରେ ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତିସଭ୍ୟା ଯମୁନାରାଣୀ ବେହେରା, ବିଜେଡି ନେତା ପ୍ରମୋଦ ହରିଚନ୍ଦନ ପ୍ରମୁଖ କର୍ମୀ ଓ ଛାମୁଆ ସଂଗଠକମାନେ ଯୋଗ ଦେଇଥିଲେ।



# ପ୍ରଶିକ୍ଷଣ ନେଲେ; କେମିତି ଧରିବେ ସାପ

ଭୁବନେଶ୍ୱର, ୧୫।୫(ସମିସ): ସାପ ଉଦ୍ଧାର ଓ ଥଇଥାନ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛି ବନ ବିଭାଗ। ଏଥିପାଇଁ ନଗର ବନଖଣ୍ଡ ଅଧୀନରେ ଥିବା ୪ଟି ରେଞ୍ଜର କର୍ମଚାରୀଙ୍କୁ ନେଇ ଦିନିକିଆ ସାପ ଉଦ୍ଧାର ଓ ଥଇଥାନ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଭୁବନେଶ୍ୱର ରେଞ୍ଜର ପାତ୍ରପଡ଼ାଠାରେ ଥିବା ମେଡିସିନାଲ ଗାର୍ଡେନ ନଲେଜ ସେଣ୍ଟରର ଆୟୋଜିତ ଏକି ପ୍ରଶିକ୍ଷଣ ଶିବିରରେ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ଜିଲ୍ଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପ ଉଦ୍ଧାର ଓ ଥଇଥାନ ସମ୍ପର୍କିତ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା ସହ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ମୁଖ୍ୟତଃ ସାପ ଉଦ୍ଧାର ସମୟରେ ଉଦ୍ଧାରକାରୀ, ଦେଖଣାହାରୀ ଏବଂ ସାପ ଆଦିର ଜୀବନକୁ ବିପଦରେ ନପକାଇ ଉଦ୍ଧାର କାର୍ଯ୍ୟ କିପରି କରାଯାଇପାରିବ ପ୍ରଶିକ୍ଷଣ ସମୟରେ ଗୁରୁତ୍ୱ ଦିଆଯାଇଥିଲା। ସୁରକ୍ଷିତ ସାପ ଉଦ୍ଧାର ସହିତ ଦୁର୍ଘଟଣାବଶତଃ ସର୍ପାଘାତ ହେଲେ କିପରି ସଠିକ ପ୍ରାଥମିକ ଚିକିତ୍ସା କରାଯିବ ଏନେଇ ମଧ୍ୟ ଡେମୋ ମଧ୍ୟ ଦିଆଯାଇଥିଲା। ସର୍ବୋପରି ସୋସିଆଲ ମିଡିଆରେ ସାପ ଧରିବା ଭିଡିଓ ପୋଷ୍ଟକରି ବେଆଇନ ଟଙ୍କା ରୋଜଗାର କରିବାକୁ ଚେଷ୍ଟା କଲେ ନିଶ୍ଚୟ ଜେଲ ଦଣ୍ଡ ଭୋଗିବେ ବୋଲି ଉପସ୍ଥିତ ବନ ଅଧିକାରୀ ଚେତାବନୀ ଦେଇଥିଲେ।

ପ୍ରଶିକ୍ଷଣ ଶିବିରରେ ଆଇଆର୍‌ଏସ ଅଧିକାରୀ ତଥା ଭୁବନେଶ୍ୱର କଷ୍ଟମ ବିଭାଗର ଜଏଣ୍ଟ କମିସନର୍ ସୁଶାନ୍ତ ମିଶ୍ର ଯୋଗଦେଇ ବିଦେଶୀ ସାପଙ୍କ ଚୋରା ଚାଲାଣ ଦେଶରେ ବଢ଼ିବାରେ ଲାଗିଛି ବୋଲି କହିଥିଲେ। ବିଦେଶୀ ସାପ ଚୋରା ଚାଲାଣ ବେଳେ ବିମାନ ବନ୍ଦରରେ କଷ୍ଟମ ଅଧିକାରୀମାନଙ୍କ ପାଇଁ ସାପ ଧରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ସେ ଏହି ଶିବିରରେ ଯୋଗ ଦେଇଥିଲେ।

ନଗର ବନଖଣ୍ଡ ଅଧୀନରେ ଯେଉଁ ସାପ ଧରାଳିମାନେ ବନବିଭାଗ ଗାଇଡ୍‌ଲାଇନ ଅନୁଯାୟୀ ଦରଖାସ୍ତ ଦେଇଥିଲେ, ସେମାନଙ୍କ ପାଇଁ ଏଇ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲେ। ପ୍ରଶିକ୍ଷଣ ଶିବିରରେ ନଗର ବନଖଣ୍ଡ ଦୁଇ ଜଣ ଏସିଏଫ ସ୍ୱାଗତିକା ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, ଭୁବନେଶ୍ୱର ରେଞ୍ଜ ଅଧିକାରୀ ସତ୍ୟାନନ୍ଦ ପାଲ ଏବଂ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ସ୍ନେକ ହେଲ୍ପ ଲାଇନର ୮ ଜଣ ଉଦ୍ଧାରକାରୀ ସାମିଲ ଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ମେଡିସିନାଲ୍ ଗାର୍ଡେନର ଇନଚାର୍ଜ ତଥା ଫରେଷ୍ଟର ସମୀର ବେହେରା ଆୟୋଜନ କରିଥିଲେ।



# ସତ୍ୟନଗର ଲେଡିଜ୍ ଫୋରମ୍‌ର ମାତୃ ଦିବସ

ଭୁବନେଶ୍ୱର, ୧୫।୫(ସମିସ): ସତ୍ୟନଗର ଲେଡିଜ୍ ଫୋରମ ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରତିଭା ମହାରଥୀ, ରୋଜାଲିନ ପାଟଶାଣୀ ମିଶ୍ର, ଅମୀୟବାଳା ପରିଡ଼ା, ଶ୍ରୁତକୀର୍ତ୍ତି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀନିବାସ ରାଓଙ୍କ ତତ୍ତ୍ୱାବଧାନରେ ସାଧନା ମ୍ୟୁଜିକାଲ ଗ୍ରୁପ୍ ଏବଂ ସତ୍ୟନଗର ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର ଦିଲୀପ ପରିଡ଼ା ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଆଣୀ ବେଶଭୂଷା ପ୍ରତିଯୋଗିତାରେ ସରୋଜିନୀ ମିଶ୍ର, ମନୋରମା ପାତ୍ର, ପ୍ରତିମା ମଣ୍ଡଳ ଏବଂ ରଞ୍ଜିତା ପଟ୍ଟନାୟକ ପୁରସ୍କାର ଲାଭ କରିଥିଲେ। ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶେଷରେ ପୁରସ୍କାର ବିତରଣ ଉତ୍ସବ କରାଯାଇଥିଲା। ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟା ଶୁଭେଦିତା ରାୟ, ପ୍ରତିମା ତ୍ରିପାଠୀ, ଦୀପ୍ତି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅନସୂୟା ସାହୁ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦିକା ଅନୁରାଧା ଦାଶ ପରିଚାଳନା କରିଥିଲେ।

# ଭୁବନେଶ୍ୱର ସିଟି



## ମୋ' ବସ୍‌ଷ୍ଟାଣ୍ଡ

# ବିପ୍ ସାଉଣ୍ଡ ବ୍ୟବସ୍ଥା ନାହିଁ, ସମସ୍ୟାରେ ଦୃଷ୍ଟିବାଧିତ

ଭୁବନେଶ୍ୱର, ୧୫।୫(ସମିସ):

ସାଧାରଣ ଲୋକଙ୍କ ଯାତାୟତ ସମସ୍ୟା ଦୂର କରିବା ଏବଂ ସ୍ୱଳ୍ପ ଖର୍ଚ୍ଚରେ ନିରାପଦ ଯାତ୍ରା ପାଇଁ ରାଜ୍ୟ ସରକାର ସ୍ମାର୍ଟ ସିଟିରେ 'ମୋ ବସ୍' ସେବା ଯୋଗାଇ ଦେଇଛନ୍ତି। ଯାହା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କର୍ମଜୀବୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରିଛି। ବସ୍‌ର ରହଣୀ ଓ ଯାତ୍ରୀଙ୍କ ବିଶ୍ରାମ ଲାଗି ସହର ଭିତରେ ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ମୋ ବସ୍‌ଷ୍ଟାଣ୍ଡ ବି ନିର୍ମାଣ ହୋଇଛି। ଖରା, ବର୍ଷାରୁ ରକ୍ଷା ପାଉଛନ୍ତି ଯାତ୍ରୀ। କିନ୍ତୁ ଏହି ସେବାରୁ ବଞ୍ଚିତ ହେଉଛନ୍ତି ଦୃଷ୍ଟିବାଧିତ ବ୍ୟକ୍ତି। ଦୃଷ୍ଟିବାଧିତମାନେ କେଉଁ ସ୍ଥାନରେ ବସ୍‌ଷ୍ଟାଣ୍ଡ ରହିଛି ତାହାକୁ ଖୋଜି ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଯେଉଁଭଳି ଭାବରେ ସଡ଼କ ଦୁର୍ଘଟଣା ଘଟୁଛି ସେମାନେ ରାସ୍ତା ପାରିହେବା କିମ୍ବା ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ଏକ ସମସ୍ୟା ପାଲଟିଛି। ବସ୍ ଷ୍ଟାଣ୍ଡ ଗୁଡ଼ିକରେ ବିପ୍ ସାଉଣ୍ଡ ବ୍ୟବସ୍ଥା କରାଯାଇ ନଥିବାରୁ ଦୃଷ୍ଟିବାଧିତମାନେ ସହଜରେ ମୋ ବସଷ୍ଟାଣ୍ଡରେ ପହଞ୍ଚି ପାରୁ ନାହାନ୍ତି।

ରାଜଧାନୀର ବିଭିନ୍ନ ସ୍ଥାନରେ ରହିଛି ପ୍ରାୟ ୨୦୦ ମୋ ଷ୍ଟାଣ୍ଡ ରହିଛି। ଏଠାରେ ଯାତ୍ରୀମାନଙ୍କ ନିମନ୍ତେ ଅପେକ୍ଷା କରିବା ନୁହେଁ ବରଂ ମନୋରଞ୍ଜନର ବ୍ୟବସ୍ଥା ମଧ୍ୟ ରହିଛି। ଖରା, ବର୍ଷା ଭୟ ବି ନଥିବାରୁ ଅନେକ ଯାତ୍ରୀ ଏଠାରେ ଅପେକ୍ଷା କରିଥାନ୍ତି। କିନ୍ତୁ ଏହି ସେବାକୁ ସହଜରେ ଉପଯୋଗ କରିପାରୁ ନାହାନ୍ତି ଦୃଷ୍ଟିବାଧିତ। ତେଣୁ ପ୍ରତ୍ୟେକ 'ମୋ ବସ' ଷ୍ଟାଣ୍ଡରେ ବିପ୍ ସାଉଣ୍ଡ ବ୍ୟବସ୍ଥା କରାଗଲେ ବିପ୍ ଶବ୍ଦ ଶୁଣି ଦୃଷ୍ଟିବାଧିତମାନେ ଜାଣିପାରିବେ ଯେ, କେଉଁ ସ୍ଥାନରେ ବସଷ୍ଟପ୍ ରହିଛି। ଏହି ବ୍ୟବସ୍ଥା ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ଦିଲ୍ଲୀ ଆଦି ବାହାର ରାଜ୍ୟରେ ରହିଥିବାବେଳେ ଓଡ଼ିଶାରେ ଏହି ବ୍ୟବସ୍ଥା କରାଯିବାକୁ ବହୁବାର ଦାବି ହୋଇଛି। ବିଶେଷକରି ରାଜଧାନୀରେ ଏହି ବ୍ୟବସ୍ଥା କରାଯିବା ନିହାତି ଆବଶ୍ୟକ ବୋଲି କହିଛନ୍ତି ନିୟମିତ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର୍ ବାପିନା ନାୟକ। ସେ କହିଛନ୍ତି ଯେ, ସାଧାରଣ ଲୋକଙ୍କ ଭଳି ଦୃଷ୍ଟିବାଧିତମାନେ ବିନା ଶବ୍ଦ ଶୁଣି କେଉଁସ୍ଥାନରେ ପହଞ୍ଚି ପାରିବେନି। ସାଧାରଣତଃ ରାସ୍ତାରେ ଚାଲୁଥିବା ସମୟରେ ମଧ୍ୟ ହାତରେ ଧଳାବାଡ଼ି ଧରିବା ସହ ଶବ୍ଦକୁ ଗୁରୁତ୍ୱ ଦେଇଥାନ୍ତି। ନିଜଠାରୁ କେତେ ଦୂରରେ ଗାଡ଼ି ରହିଛି ତାହା ମଧ୍ୟ ଜାଣିବା ସହଜ ହେବ ବିପ୍ ଦ୍ୱାରା। ବାପିନା ଜଣେ ଶତ ପ୍ରତିଶତ ଦୃଷ୍ଟିବାଧିତ ହୋଇଥିବାରୁ ପ୍ରତିଦିନ ମୋ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପାଇଁ ହଇରାଣ ହେଉଥିବା କହିଛନ୍ତି। ସେ ବସ୍‌ଷ୍ଟାଣ୍ଡ ଆଗରେ ରହି ଅଥବା ପଛରେ ରହି ସାଧାରଣ ଜନତାଙ୍କୁ ପଚାରୁଥିବା ସମୟରେ ଅନେକ ଲୋକ ତାଙ୍କ କଥାକୁ ଥଟ୍ଟା କରିଥାନ୍ତି। ଯାହା ପ୍ରତ୍ୟେକ ଦୃଷ୍ଟିହୀନଙ୍କୁ ଆଘାତ ଲାଗିଥାଏ ବୋଲି ସେ କହିଛନ୍ତି। ତେଣୁ ଏଥିପ୍ରତି ସରକାର ଦୃଷ୍ଟିଦେବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଛନ୍ତି। ଏ ନେଇ କ୍ରୁଟ୍‌ର ଜଣେ ଅଧିକାରୀ କହିଛନ୍ତି ଯେ, ଏହା ଏକ ସମ୍ବେଦନଶୀଳ ଘଟଣା। ଏହା ଉପରେ ଖୁବଶୀଘ୍ର ନିଶ୍ଚିତ ପଦକ୍ଷେପ ନିଆଯିବ। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଏହି ବ୍ୟବସ୍ଥା କରାଯାଇ ଦୃଷ୍ଟିବାଧିତଙ୍କ ନିମନ୍ତେ ଯାତାୟତ ସୁଗମ କରାଯିବ।



# ଗାନ୍ଧୀଙ୍କ ବାଲିଅନ୍ତା ଆଗମନର ୯୦ବର୍ଷ ପୂର୍ତ୍ତି

ବାଲିଅନ୍ତା, ୧୫।୫(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ବାଲିଅନ୍ତା ଆଗମନର ୯୦ବର୍ଷ ପୂର୍ତ୍ତି ପାଳିତ ହୋଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ପ୍ରଥମେ ଟଙ୍କପାଣି ସେତୁସ୍ଥିତ ଗାନ୍ଧୀ ଐତିହ୍ୟସ୍ଥଳୀ, ସତ୍ୟଭାମାପୁର, ବଇଁଚୁଆ, ଭୁବନପୁର, ମହାନା ସେତୁ ଓ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସରସ୍ଥ ଗାନ୍ଧୀ ପୀଠରେ ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସତ୍ୟଭାମାପୁରଠାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକବୃନ୍ଦ, ବଇଁଚୁଆଠାରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ସହିତ କବୟିତ୍ରୀ ସୁଲୋଚନା ବେହେରା, ବାଲିଅନ୍ତା ଗାନ୍ଧୀପୀଠରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ସସ୍ମିତା ସିଂହ, ମାମିନା ବେହେରା, ପଣ୍ଡିତ ଶ୍ରୀଧର ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୧୯୩୪ ମସିହା ମଇ ୧୩ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ସମର୍ଥକମାନଙ୍କ ସହିତ ପଦଯାତ୍ରାରେ ଟଙ୍କପାଣି, ସତ୍ୟଭାମାପୁର, ବଇଁଚୁଆ, ଭୁବନପୁର ଦେଇ ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ସନ୍ନିକଟ ଆମ୍ବତୋଟାରେ ତିନିଦିନ ଅବସ୍ଥାନ କରିବା ସହ ୧୫ତାରିଖରେ ଭାରତ ବର୍ଷରେ ପ୍ରଥମଥର ପାଇଁ ନିକୁଞ୍ଜ ବିହାରୀ ମନ୍ଦିରରେ ଦଳିତମାନଙ୍କୁ ପ୍ରବେଶ କରାଇ ପୂଜାର୍ଚ୍ଚନାର ସୁଯୋଗ ଦେଇଥିଲେ। ଯେଉଁଥିପାଇଁ ନିକୁଞ୍ଜ ବିହାରୀ ମନ୍ଦିର ଆଧ୍ୟାତ୍ମିକ ଓ ଦେଶପ୍ରେମର ପ୍ରତୀକ ଭାବେ ସବୁବେଳେ ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ, ଦେଶପ୍ରେମର ବାର୍ତ୍ତା, ଗାନ୍ଧୀଙ୍କ ଆଦର୍ଶ ଆଧାରରେ ଅନୁପାଳନ କରିଆସୁଅଛି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।




# ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ମାତୃଦିବସ

ଭୁବନେଶ୍ୱର, ୧୫।୫(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ରେ ସ୍ଥାନୀୟ ସେଣ୍ଟ ଜାଭିୟର୍ ହାଇସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେଣ୍ଟ ଜାଭିୟର୍ ହାଇସ୍କୁଲ୍‌ର ଅଧ୍ୟକ୍ଷା ରଶ୍ମିତା ରାଉତରାୟଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ହସ୍ପିଟାଲର ଡାକ୍ତର ସିଦ୍ଧାର୍ଥ ଗୌତମ, ନର୍ସିଂ ସୁପରିଟେଣ୍ଡେଣ୍ଟ ଇନ୍‌ଚାର୍ଜ କମଳିନୀ ମଲ୍ଲିକ, ହସ୍ପିଟାଲ୍‌ର ଅନ୍ୟାନ୍ୟ କର୍ମଚାରୀମାନେ କେକ୍ କାଟି ଏହି ଦିବସକୁ ପାଳନ କରିଥିଲେ।

# ମହିଳାଙ୍କୁ ବେକରୀ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ

ଭୁବନେଶ୍ୱର, ୧୫।୫(ସମିସ): ମହିଳାମାନଙ୍କୁ ବେକରୀ ଓ କନ୍‌ଫେକ୍ସନାରୀ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀର ପ୍ରଶିକ୍ଷଣ ଦେବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ୬ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ ବେକ୍' ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଫ୍ରୁଟ୍ କେକ୍, ମିଲେଟ୍ କୁକିଜ୍, ଚକଲେଟ୍ ପେଷ୍ଟ୍ରି, ଡାନିସ୍ ପେଷ୍ଟ୍ରି, ଆସୋର୍ଟେଡ ପଫ୍ ପ୍ରଭୃତିର ପ୍ରସ୍ତୁତି ପ୍ରଣାଳୀ ଶିକ୍ଷା ଦିଆଯିବ। କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଆଡିସ୍ନାଲ୍ ଡିନ୍ (ଷ୍ଟୁଡେଣ୍ଟ୍ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାଦ୍ୟ ରନ୍ଧନ ଖୁବ୍ ଭଲ ଅନୁଭବ ଏବଂ ମା'ର ହାତ ରନ୍ଧାର ତୁଳନା ନାହିଁ ବୋଲି କହିଥିଲେ। ଘରର ମହିଳାଟି ଯେଉଁ ଶ୍ରଦ୍ଧାରେ ଖାଦ୍ୟ ରାନ୍ଧିକି ଦିଏ ତାହାର ସ୍ୱାଦ ଖୁବ୍ ନିଆରା ବୋଲି ସେ କହିଥିଲେ। ପ୍ରାରମ୍ଭରେ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ସିନିଅର ପ୍ରଫେସର୍ ସପନ୍ ସତୁଆଳ ମହିଳା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଆସିଷ୍ଟାଣ୍ଟ ପ୍ରଫେସର ପତିତପାବନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋଲିଲା ଛତ୍ର

# ମାଗଣା ପଖାଳ ଯାହାକୁ ଯେତେ

ଭୁବନେଶ୍ୱର, ୧୫।୫(ସମିସ):

ଅସହ୍ୟ ଗୁଳୁଗୁଳିରୁ ଆଶ୍ୱସ୍ତି ଦେଉଛି କଳିଙ୍ଗ ଯୁବସେନାର ମାଗଣା ପଖାଳ। ପଖାଳ ସାଙ୍ଗକୁ ସାଦାରେ ପୋଟଳ ଭଜା ଓ ଆମିଷରେ ମାଛ ଭଜା ବେଶ୍ ଶାନ୍ତି ଦେଉଛି। ଗରମରୁ ଆଶ୍ୱସ୍ତି ପାଇଁ କଂସାଏ ପଖାଳ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ସାଧାରଣତଃ ଖରାଦିନରେ ଘରେ ଘରେ ପଖାଳ ହେଉଥିବାବେଳେ ଏବେ ପଖାଳ ବିଭିନ୍ନ ହୋଟେଲ ଓ ରେଷ୍ଟୋରାଁ ଗୁଡ଼ିକରେ ପ୍ରସ୍ତୁତ ହେଉଛି। ହେଲେ ସମସ୍ତଙ୍କ ଭାଗ୍ୟରେ ଏହା ଜୁଟି ନ ଥାଏ। କାରଣ ଅନେକଙ୍କ ଘରେ ଅର୍ଥାଭାବରୁ ଚୂଲି ଜଳୁ ନ ଥିବା ବେଳେ ଗରିବ ଦିନମଜୁରିଆଟିଏ ବଡ଼ି ଭୋରୁ କାମକୁ ବାହାରି ଯାଆନ୍ତି ଯେ, ଖରାବେଳେ କେଉଁଠି ବିସ୍କୁଟ ପାକେଟ୍ ଟିଏ ଖାଇଥାନ୍ତି ତ ଆଉ କେହି ଚୁଡ଼ା ଚିନି ଖାଇ ପୁଣି କାମ କରନ୍ତି। ହେଲେ ଏହିଭଳି ଅନେକ ଗରିବ ଲୋକଙ୍କ ପାଇଁ 'ପଖାଳ ଛତ୍ର' ଖୋଲି ଚର୍ଚ୍ଚାକୁ ଆସିଛନ୍ତି ରାଜଧାନୀର ସାମାଜିକ ଅନୁଷ୍ଠାନ କଳିଙ୍ଗ ଯୁବସେନା। ପ୍ରତି ସପ୍ତାହର ଶନିବାର ଓ ରବିବାର ୬୦୦ ଲୋକଙ୍କୁ ମାଗଣାରେ ବଣ୍ଟାଯାଉଛି ପଖାଳ।

ରାଜଧାନୀରେ ପ୍ରଥମ କରି ଆରମ୍ଭ ହୋଇଥିବା ଏହି ପଖାଳଛତ୍ରରେ ଅସମ୍ଭାଳ ଗହଳି ଦେଖିବାକୁ ମିଳିଛି। ପଟିଆ ସ୍ଥିତ ଡଲଫିନ୍ ଗାର୍ଡେନ୍ ନିକଟରେ ପ୍ରତ୍ୟେକ ଶନିବାର ଓ ରବିବାର ମଧ୍ୟାହ୍ନରେ ଲୋକଙ୍କୁ ମାଗଣା ପଖାଳ ଦିଆଯାଉଛି। ଉଭୟ ଆମିଷ ଓ ନିରାମିଷ ପଖାଳ ଖାଇବାକୁ କେବଳ ଗରିବ ଅସହାୟ ଲୋକେ ନୁହଁନ୍ତି ବରଂ ରାସ୍ତାରେ ଯାଉଥିବା ଅନେକ ଲୋକ ଗାଡ଼ି ରଖି ଏଠାରେ ପଖାଳ ଖାଉଛନ୍ତି। ସାଦା ପଖାଳରେ ପୋଟଳ ଭଜା, ଭେଣ୍ଡି ଆଳୁ ଭଜା, ଆଳୁ ଭର୍ତ୍ତା, ଆଚାର, ପିଆଜ, କଞ୍ଚାଲଙ୍କା ରହିଥିବା ବେଳେ ଆମିଷରେ ମାଛ ଭଜା ଦିଆଯାଉଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ ପଖାଳ ପରିବେଷଣ କରୁଥିବା ଦେଖିବାକୁ ମିଳିଛି। ଲୋକମାନେ ଧାଡ଼ିରେ ଛିଡ଼ା ହୋଇ ପଖାଳ ଖାଉଛନ୍ତି। ଏ ନେଇ ଅନୁଷ୍ଠାନର ସଦସ୍ୟ କ୍ରିଷ୍ଣା ନାୟକ କହିଛନ୍ତି ଯେ, ଖରାଦିନେ ଅନେକ ଲୋକେ ଖାଇବାକୁ ନ ପାଇ ଗଛତଳେ ପଡ଼ି ରହିଥିବା ବେଳେ ସେମାନଙ୍କ ପାଇଁ ପଖାଳ ସ୍ୱପ୍ନ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଥର ରାଜଧାନୀରେ ଆମ ନଅନୁଷ୍ଠାନ ତରଫରୁ ପଖାଳଛତ୍ର ଖୋଲାଯାଇଛି। ଅନୁଷ୍ଠାନର ସଦସ୍ୟମାନଙ୍କ ସହଯୋଗରେ ଏହା ସମ୍ଭବ ହୋଇଛି। ନିଜ ପକେଟ୍ ଖର୍ଚ୍ଚରୁ କାଟି ଟଙ୍କା ଏକାଠି କରାଯାଇ ଲୋକଙ୍କୁ ପଖାଳ ଦିଆଯାଉଛି। ଏଥିପାଇଁ ଯଦି ଆର୍ଥିକ ସହାୟତା ମିଳନ୍ତା, ଆଗକୁ ସହରର ପ୍ରମୁଖ ସ୍ଥାନରେ ଷ୍ଟଲ୍ ଖୋଲାଯିବାର ଯୋଜନା ରହିଛି। ଅନ୍ୟପକ୍ଷରେ ଖରାଦିନେ ପଶୁପକ୍ଷୀଙ୍କ ନିମନ୍ତେ ଜଳ ଓ ଖାଦ୍ୟ ଯୋଗାଇଛି ଏହି ଅନୁଷ୍ଠାନ।






# ଜଳିଗଲା ୩ ଦୋକାନ

ଭୁବନେଶ୍ୱର, ୧୫।୫ (ସମିସ): ବୁଧବାର ରାତିରେ ପାଣ୍ଡରା ଫାଣ୍ଡି ନିକଟରେ ଥିବା ଦୋକାନରେ ନିଆଁ ଲାଗି ଦୋକାନ ଜଳି ଯାଇଛି। ନିଆଁରେ ୩ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ସୂଚନା ଅନୁସାରେ, ରାତି ପ୍ରାୟ ୧୧ ଟା ୩୦ ସମୟରେ ପାଣ୍ଡରା ଫାଣ୍ଡି ନିକଟସ୍ଥ ରାସ୍ତା କଡ଼ରେ ଥିବା ଦୋକାନରେ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ନିଆଁ ପାଖ ଦୋକାନକୁ ବ୍ୟାପି ଯାଇଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ କ୍ଷଣିକ ମଧ୍ୟରେ ୩ଟି ଦୋକାନକୁ ବ୍ୟାପି ଥିଲା। ଖବରପାଇ କଳ୍ପନା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୀର୍ଘ ସମୟ ପରେ ନିଆଁ ଆୟତ୍ତ ହୋଇଥିଲା। ଅଗ୍ନିକାଣ୍ଡରେ ଫଳ ଦୋକାନ, ପରିବା ଦୋକାନ ଓ ଫାଷ୍ଟଫୁଡ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏହାର କାରଣ ଜଣାପଡ଼ି ନଥିଲେ ମଧ୍ୟ ସର୍ଟ ସର୍କିଟ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**
*Name of Election : **GENERAL ELECTIONS TO THE STATE LAGISLATIVE ASSEMBLY OF ODISHA -2024**
Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 14 – BONAI (ST) Assembly Constituency | SHRI BHIMSEN CHOUDHURY | i. JMFC (Spl. Court MLA & MP) Rourkela; G.R No.523/2008 For Appearance.<br>ii. JMFC (Spl. Court MLA & MP) Rourkela; G.R No.324/2008 For Appearance.<br>iii. JMFC (Spl. Court MLA & MP) Rourkela; G.R No.325/2008 For Appearance.<br>iv. JMFC (Spl. Court MLA & MP) Rourkela; G.R No.326/2008 For Appearance.<br>v. JMFC (Spl. Court MLA & MP) Rourkela; G.R No.328/2008 For Appearance.<br>vi. JMFC (Spl. Court MLA & MP) Rourkela; G.R No.331/2008 For Appearance.<br>vii. JMFC (Spl. Court MLA & MP) Rourkela; G.R No.332/2008 For Appearance.<br>viii. JMFC (Spl. Court MLA & MP) Rourkela; G.R No.333/2008 For Appearance.<br>ix. JMFC (Spl. Court MLA & MP) Rourkela; G.R No.334/2008 For Appearance. | i. U/s- 452/307/353/332/333/294/379 and 3 P.D Act, and 34 of IPC House trespass, attempt to murder, Assault or use of criminal force to danger to public servant from discharge of his duty, voluntary causing hurt to deter to public servant from his duty, voluntary causing grievous to deter to public servant from his duty, common intention.<br>ii.U/s-307/354/34 of IPC. Attempt to murder, Assault or use of criminal force to a women with intention to outraise her modesty.<br>iii. U/s-452/307/294/506 of IPC. House trespass, attempt to murder, common intention.<br>iv. U/s-452/307/294/506/34 of IPC House trespass, attempt to murder, obscene of songs, criminal intimidation, common intention<br>v. U/s-452/436/307/34 of IPC. House trespass, Mischief by fire or exclusive substance with intent to destroyed a house, common intention. attempt to murder<br>vi.U/s.436/506/34 of IPC. Mischief by fire or exclusive substance with intent to destroyed a house, Criminal intimidation, common intention.<br>vii. U/s-436/506/34 of IPC. Mischief by fire or exclusive substance with intent to destroyed a house, Criminal intimidation, common intention.<br>viii.U/s-436/506/34 of IPC. Mischief by fire or exclusive substance with intent to destroyed a house, Criminal intimidation, common intention.<br>ix. U/s-436/506/34 of IPC. Mischief by fire or exclusive substance with intent to destroyed a house, Criminal intimidation, common intention. | NA | NA | NA |

*In the case of election of Council of States or election to legislative Council by MLAs, mention the election concerned in place of constituency.

Sd/-
(Dr. SASMIT PATRA)
General Secretary,
Biju Janata Dal, Odisha

N. B. -The above information may be given by the candidate for the necessary action at the end of Party.

